# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 May - 2025

*********************************

## ମୁଖ୍ୟ ସମ୍ବାଦ

- ଦେଶର ୫୨ତମ ପ୍ରଧାନବିଚାରପତି ଭାବେ ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ନେଲେ ଶପଥ
- 'ଅପରେସନ ସିନ୍ଦୂର'ର ସଫଳତା ପରେ ଭୁବନେଶ୍ୱରଠାରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟ କ୍ୟାବିନେଟ୍ ବୈଠକ ଆଜି ଅପରାହ୍ନରେ ହେବ ଅନୁଷ୍ଠିତ
- ସାଂସଦ ଓ ବିଧାୟକମାନେ ଶିକ୍ଷକଙ୍କ ବଦଳି ନେଇ ସରକାରଙ୍କୁ କରିପାରିବେ ସୁପାରିସ

ଏବଂ

- ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖକୁ ଆୟୁର୍ବେଦ ଦିବସ ପାଳନ କରାଯିବା ନେଇ ଆୟୁଷ ମନ୍ତ୍ରଣାଳୟର ବିଜ୍ଞପ୍ତି

*Desk*

# ପ୍ରଧାନ ବିଚାରପତି

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ଆଜି ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ।

**- V/O -**

ଆସନ୍ତା ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଜଷ୍ଟିସ ଗଭାଇ ଏହି ପଦବୀରେ ରହିବେ । ଶପଥ ଗ୍ରହଣ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ସୁପ୍ରିମକୋର୍ଟର ବିଚାରପତିଗଣ ଉପସ୍ଥିତ ଥିଲେ ।

ଜଷ୍ଟିସ୍ ଗଭାଇ ୧୯୬୦ ମସିହା ନଭେମ୍ବର ମାସ ୨୪ ତାରିଖରେ ମହାରାଷ୍ଟ୍ରର ଅମରାବତୀରେ ଜନ୍ମ ଗ୍ରହଣ କରିଥିଲେ । ୨୦୦୩ ମସିହା ନଭେମ୍ବର ୧୪ ତାରିଖରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ପଦବୀକୁ ଉନ୍ନୀତ ହୋଇଥିଲେ । ପରବର୍ତ୍ତୀ ସମୟରେ ୨୦୧୯ ମସିହାରେ ଜଷ୍ଟିସ ଗଭାଇ ସୁପ୍ରିମକୋର୍ଟର ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ, ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଗତକାଲି ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିଛନ୍ତି ।

**BBSR/R**

# ତ୍ରିରଙ୍ଗା ଯାତ୍ରା

ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଯେତେବେଳେ ଏକଜୁଟ ହେବେ ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଆଜି ସକାଳେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଅପରେସନ୍ ସିନ୍ଦୂର'ର ସଫଳତା ପରେ ଆଜିର ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣିତ କରିଥାଏ। ସେ ପୁଣି କହିଛନ୍ତି, ଆମ ଜାତୀୟ ପତାକା, ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ।

**- V/O -**

ତ୍ରିରଙ୍ଗା ବାଇକ ଯାତ୍ରାରେ ପୁଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକ ପ୍ରତିନିଧି ଏବଂ ସାଧାରଣ ଜନତା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗ ଦେଇଥିଲେ।

ଭାରତୀୟ ସଶସ୍ତ୍ର ବାହିନୀର ପାକିସ୍ତାନ ବିରୋଧରେ ସଫଳ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଅଭିଯାନର ଉଦ୍ଦେଶ୍ୟ । ଅପରେସନ୍ ସିନ୍ଦୂର୍‌ର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ ୧୧ ଦିନିଆ ତ୍ରିରଙ୍ଗା ଯାତ୍ରା ଅଭିଯାନ ଗତକାଲିଠାରୁ ଆରମ୍ଭ ହୋଇଛି ।

***Boudh***

## ବୌଦ୍ଧ- ତ୍ରିରଙ୍ଗା ଯାତ୍ରା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ  ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ସାଧାରଣ ଜନତା, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କାଉଟ୍‌ସ-ଗାଇଡ୍‌ସ, ଏନ୍‌ସିସି, ପୁଲିସ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା' ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ବାଇକ୍ ଶୋଭାଯାତ୍ରାରେ ସାମିଲ ହେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଆସନ୍ତାକାଲି ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏହି ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବ ବୋଲି ବୈଠକରେ ସ୍ଥିର ହୋଇଛି। ଅପରେସନ୍ ସିନ୍ଦୂରର ସଫଳତା ନେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଉଛି।

*Desk*

## ଆବାସ ଯୋଜନା - ପଞ୍ଜୀକରଣ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଆସନ୍ତାକାଲି ହେଉଛି ପଞ୍ଜୀକରଣର ଶେଷ ଦିବସ । ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି, ଏହାପରେ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ । ଏପର୍ଯ୍ୟନ୍ତ ପ୍ରାୟ ୩୫ ଲକ୍ଷ ଲୋକ ପଞ୍ଜୀକରଣ କରିଛନ୍ତି । ବ୍ଲକ୍ ସ୍ତରରୁ ଦଳ ଗଠନ କରାଯାଇ ସର୍ଭେ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି ।

*Desk*

## ୟୁପିଏସ୍‌ସି-ଚେୟାରମ୍ୟାନ୍

କେନ୍ଦ୍ରୀୟ ଲୋକସେବା ଆୟୋଗ– ୟୁ.ପି.ଏସ୍.ସି ଅଧ୍ୟକ୍ଷ ଭାବେ ଡକ୍ଟର ଅଜୟ କୁମାରଙ୍କୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଛନ୍ତି । କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡକ୍ଟର କୁମାର ଦାୟିତ୍ୱଗ୍ରହଣ କରିବା ଦିନଠାରୁ ଅଧ୍ୟକ୍ଷ ଭାବେ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହୋଇଛି । ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡକ୍ଟର କୁମାର ଅଗଷ୍ଟ ୨୦୧୯ରୁ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ ପ୍ରତିରକ୍ଷା ସଚିବ ଭାବେ କାର୍ଯ୍ୟ କରିଥିଲେ ।

*Desk*

## ରାଜ୍ୟ କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍ ବୈଠକ ଆଜି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୮ଟି ପ୍ରସ୍ତାବ ଉପରେ ଆଲୋଚନା ହେବାର ସୂଚନା ମିଳିଛି । ସେଥିମଧ୍ୟରେ ପଞ୍ଚାୟତିରାଜ, ନଗର ଉନ୍ନୟନ, ଗୃହ, ଜଳସମ୍ପଦ ଏବଂ ପୂର୍ତ୍ତ ବିଭାଗ ଆଦି ରହିଥିବା ଜଣାପଡ଼ିଛି ।

*HS*

## ଶିକ୍ଷକଙ୍କ ବଦଳି

ସାଂସଦ ଏବଂ ବିଧାୟକମାନେ ଏବେ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ କୁହାଯାଇଛି । ନିଜ ନିର୍ବାଚନମଣ୍ଡଳୀର ସର୍ବାଧିକ ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ଲୋକ ପ୍ରତିନିଧିମାନେ ସୁପାରିସ କରିପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ବଦଳି ପାଇଁ ସୁପାରିସ ପତ୍ର ଜିଲ୍ଲାପାଳଙ୍କ ନିକଟରେ ଶିକ୍ଷକମାନେ ଦାଖଲ କରିବେ । ଆସନ୍ତାକାଲିଠାରୁ ଜୁନ୍ ମାସ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପ୍ରସ୍ତାବ କାର୍ଯ୍ୟକାରୀ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

*Deogarh*

## କୃଷି ଯନ୍ତ୍ରପାତି ବଣ୍ଟନ

ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ କୃଷି ଯନ୍ତ୍ରପାତି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୮ଟି ଗ୍ରାମର ୪୫ ଜଣ ଜନଜାତି ଲୋକଙ୍କୁ ସମନ୍ୱିତ ଚାଷ ପଦ୍ଧତି ଦ୍ୱାରା ନିଜର ଆୟବୃଦ୍ଧି ପାଇଁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଚାଳକ, ଓଡ଼ିଶା କୃଷି ଶିଳ୍ପ ନିଗମ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହ ବହୁ ସ୍ୱୟଂସହାୟକ ଗୋଷ୍ଠୀ ଓ ଚାଷୀ ଉପସ୍ଥିତ ଥିଲେ।

*Sambalpur/Baragarh*

## ରବିଧାନ କିଣା

ବରଗଡ଼ ଜିଲ୍ଲାର ଗୋରୁ ମାର୍କେଟଠାରେ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗଦେଇ ବରଗଡ଼ ଆର୍‌ଏମ୍‌ସି’ର ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୁଭାରମ୍ଭ କରିଛନ୍ତି।

ସମ୍ବଲପୁର ଜିଲ୍ଲାରେ ଆଜିଠାରୁ ରବି ଧାନ କିଣା ପାଇଁ ମଣ୍ଡି ଖୋଲାଯାଇଛି। ସହରର ବରେଇପାଲି ମାର୍କେଟ ୟାର୍ଡରେ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍ସଙ୍କ ବୈଠକ ପରେ ରବି ଋତୁ ପାଇଁ ମଣ୍ଡି

ଖୋଲିଛି । ଚଳିତ ବର୍ଷ ୫୮ଟି ମଣ୍ଡିରେ ଧାନ କିଣା ହେବ ଓ ୪୬ଟି ମିଲ ଧାନକ୍ରୟ କରିବେ ବୋଲି ସିଏସ୍‌ଓ'ଙ୍କ ସୂଚନା ଦେଇଛନ୍ତି । କଟନୀ ଛଟନୀ ନକରିବା ପାଇଁ ଚାଷୀ ସଂଗଠନ ଜିଲ୍ଲା ଯୋଗାଣ ବିଭାଗକୁ ଦାବି ଜଣାଇଛନ୍ତି ।

***Boudh***

## ଚାଷୀ ସଚେତନତା

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁମରକେଲି ଗ୍ରାମଠାରେ ଆର୍.ଏମ୍.ସି. ପକ୍ଷରୁ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଡିଜିଟାଲ ମାଧ୍ୟମରେ କୃଷି ଜାତୀୟ ଦ୍ରବ୍ୟ ବିକ୍ରୟ, ସରକାରଙ୍କ ବିଭିନ୍ନ ଯୋଜନ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା ।

***Desk***

# କୋଲ ଇମ୍‌ପୋର୍ଟସ୍

୨୦୨୪ ଏପ୍ରିଲ୍‌ରୁ ୨୦୨୫ ଫେବୃୟାରୀ ମାସ ମଧ୍ୟରେ ହୋଇଥିବା କୋଇଲା ଆମଦାନୀ ପରିମାଣ ଗତବର୍ଷର ଏହି ସମୟ ତୁଳନାରେ ୯ ଦଶମିକ୍ ୨ ପ୍ରତିଶତ ହ୍ରାସ ପାଇଛି । କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଚଳିତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ୨୨୦ ମିଲିୟନ୍ ଟନ୍ କୋଇଲା ଆମଦାନୀ ହୋଇଥିବା ବେଳେ ପୂର୍ବ ଆର୍ଥିକ ବର୍ଷର ଏହି

ସମୟରେ ୨୪୨ ମିଲିୟନ୍ ଟନ୍ କୋଇଲା ଆମଦାନୀ କରାଯାଇଥିଲା । ଆମଦାନୀ ହ୍ରାସ ପାଇବା ଦ୍ୱାରା ବୈଦେଶିକ ବିନିମୟ ସଞ୍ଚୟ ପ୍ରାୟ ୬ ଦଶମିକ୍ ୯/୩ ବିଲିୟନ୍ ଡଲାର୍ ହୋଇପାରିଛି ବୋଲି ମନ୍ତ୍ରଣାଳୟ କହିଛି । ସେହିଭଳି ୨୦୨୪ ଏପ୍ରିଲ୍‌ରୁ ୨୦୨୫ ଫେବୃୟାରୀ ମାସ ମଧରେ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ପୂର୍ବ ଆର୍ଥିକ ବର୍ଷର ଏହି ସମୟ ତୁଳନାରେ ୨ ଦଶମିକ୍ ୮/୭ ପ୍ରତିଶତ ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି ।

***GNR***

## ଆୟୁର୍ବେଦ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖକୁ ଆୟୁର୍ବେଦ ଦିବସ ଭାବେ ପାଳନ କରାଯିବ । ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତାରିଖ ପରିବର୍ତ୍ତନ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଧନ୍‌ତେରାସ୍ ଓ ଆୟୁର୍ବେଦ ଦିବସ ଗୋଟିଏ ଦିନରେ ପାଳିତ ହେଉଥିଲା । ଧନ୍‌ତେରାସ୍ ଯୋଗୁଁ ସେହିଦିନ ଆୟୁର୍ବେଦ ଦିବସ ପାଳନ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ଉପୁଜୁଥିବା ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ସୁସ୍ଥ ଜୀବନଶୈଳୀ ପାଇଁ ଆୟୁର୍ବେଦର ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ

ଏହି ଦିବସ ପାଳନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***MET***

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତକାଲି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳକୁ ସ୍ପର୍ଶ କରିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ମୌସୁମୀ ବାୟୁ ଆସନ୍ତା ୨୭ ତାରିଖ ସୁଦ୍ଧା କେରଳ ଛୁଇଁବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।